# NATIONAL NEWS BULLETIN (ODIA)
## 14 March - 2025
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଦେଶ ବ୍ୟାପି ଆରମ୍ଭ ହୋଇଛି ରଙ୍ଗର ପର୍ବ ହୋଲି ।

– ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ବିଶ୍ୱ ଦୃଶ୍ୟଶ୍ରାବ୍ୟ ଓ ମନୋରଂଜନ ସମ୍ମିଳନୀ ପାଇଁ ଏକ ବିଲିୟନ୍ ଡଲାର୍ ପାଣ୍ଠି ଘୋଷଣା କଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ।
- ଇସ୍ରୋ ରଚିଲା ଆଉ ଏକ ମାଇଲ୍ ଖୁଣ୍ଟ, ସଫଳତାର ସହ ମହାକାଶରେ ଅଲଗା ହେଲା ଦୁଇଟି ଉପଗ୍ରହ ।
- ଛତିଶଗଡ଼ ବିଜାପୁରରେ ୧୭ ମାଓବାଦୀଙ୍କ ଆତ୍ମସମର୍ପଣ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆସନ୍ତାକାଲି ଫାଇନାଲ୍‌ରେ ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ।

# ହୋଲି ସେଲିବ୍ରେସନ

ହୋଲି ପର୍ବ କେବଳ ରଙ୍ଗ ଓ ଅଭିରରେ ସୀମିତ ନୁହେଁ । ଭାରତର ବିଭିନ୍ନ ରାଜ୍ୟରେ ଏହା ଭିନ୍ନ ଭିନ୍ନ ନାମରେ ଅନନ୍ୟ ପରମ୍ପରା ସହ ପାଳନ କରାଯାଉଛି । କେଉଁଠାରେ ଲଠମାର ହୋଲି ଖେଳାଯାଉଥିବାବେଳେ ଅନ୍ୟ କେଉଁଠି ଲୋକଗୀତ ଗାୟନ ସହ ଖଡ଼ି ହୋଲି ପାଳନ କରାଯାଉଥିବା ଖବର ମିଳିବାରେ ଲାଗିଛି । ଉତ୍ତରପ୍ରଦେଶରେ ନନ୍ଦ ଗାଓଁରେ ଲୋକମାନେ ଭଗବାନ ଶ୍ରୀକୃଷ୍ଣ ଏବଂ ଗାଈଆଳ ପୁଅ ବେଶରେ ହୋଲି ଖେଳିବା ପାଇଁ ବର୍ଷାନାକୁ ଆସିଥାନ୍ତି । ଯେଉଁଠାରେ ଗାଁର ମହିଳାମାନେ ସେମାନଙ୍କୁ ବାଡିରେ ସ୍ୱାଗତ କରିଥାନ୍ତି । ମଧ୍ୟପ୍ରଦେଶରେ ଗେର୍ ବାହାର କରିବାର ପରମ୍ପରା ରହିଛି । ଯେଉଁଠାରେ ଲୋକମାନେ ରଙ୍ଗ ଲଗାଇ ହୋଲି ପାଳନ କରନ୍ତି । ଉତ୍ତରାଖଣ୍ଡରେ ଲୋକମାନେ ପାରମ୍ପରିକ ପୋଷାକରେ ମନ୍ଦିର ଓ ସାର୍ବଜନୀନ ସ୍ଥାନକୁ ଯାଇ ଲୋକଗୀତ ପରିବେଷଣ କରିଥାନ୍ତି । ଏହାକୁ ବୈଥାକି କୁହାଯାଏ ।

ସେହିପରି ପଞ୍ଜାବରେ ନିହଙ୍ଗମାନେ ଆନନ୍ଦପୁର ସାହିବ୍‌ରେ ବିଭିନ୍ନ କାରୁକାର୍ଯ୍ୟ ପ୍ରଦର୍ଶନ ପୂର୍ବକ ହୋଲାମୋହଲା ପର୍ବ ପାଳନ କରିଥାନ୍ତି । ତାମିଲନାଡୁରେ ଭଗବାନ ବିଷ୍ଣୁଙ୍କ ମନ୍ଦରରେ ତୀର୍ଥୱାରୀ ଆୟୋଜନ

କରାଯାଇଥାଏ । ମଣିପୁରରେ ଢ଼ୋଲ ବାଦ୍ୟରେ କୃଷ୍ଣ ଦର୍ଶନ କରାଯାଉଥିବା ପରମ୍ପରା ରହିଛି ।

ରାଜସ୍ଥାନରେ ହୋଲି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ଗତ ସଂଧ୍ୟାରେ ରାଜସ୍ଥାନର ସହର ଓ ଗାଁର ବିଭିନ୍ନ ସ୍ଥାନରେ ଏହି ଉପଲକ୍ଷେ 'ହୋଲି କା ଦହନ' ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁଯାୟୀ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଜୟପୁରର ଗୋବିନ୍ଦ ଦେବଜୀ ମନ୍ଦିର ଏବଂ ନାଥ ଦ୍ୱାରର ଶ୍ରୀନାଥଜୀ ମନ୍ଦିରରେ ଫୁଲ ଓ ଅବିରରେ ହୋଲି ଖେଳିବାକୁ ଭକ୍ତମାନେ ପହଞ୍ଚିଥିଲେ । ଆଜ୍‌ମେର ନିକଟରେ ପୁଷ୍କରଠାରେ ଏଥିଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସେଠାରେ ହଜାର ହଜାର ସଂଖ୍ୟାରେ ଦେଶୀ ଓ ବିଦେଶୀ ପର୍ଯ୍ୟଟକମାନେ ହୋଲି ପାଳନ କରୁଛନ୍ତି । ଆଜି ଧୁଳନ୍ଦି ଅବସରରେ ସାରା ରାଜ୍ୟରେ ହୋଲି ପାଳିତ ହେବ । ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ପଶ୍ଚିମବଙ୍ଗରେ ଶାନ୍ତି ଓ ଶୃଙ୍ଖଳାର ସହ ହୋଲି ପର୍ବ ପାଳନ ପାଇଁ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି । ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସବୁ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବୈଠକରେ ଭାଇଚାରା ଓ

ଏକତାର ସହ ରଙ୍ଗର ପର୍ବ ହୋଲି ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନୁରୋଧ କରିଥିଲେ ।

## ହୋଲି ଗ୍ରୀଟିଙ୍ଗସ୍

ଦେଶବ୍ୟାପି ରଙ୍ଗ ପର୍ବ ହୋଲି ଆରମ୍ଭ ହୋଇଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ରଙ୍ଗର ପର୍ବ ହୋଲି ସମସ୍ତଙ୍କ ପାଇଁ ଖୁସି ଓ ଉତ୍ସାହ ଆଣିଥାଏ । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖସମୃଦ୍ଧି ଆଣିଦେଉ ବୋଲି ରାଷ୍ଟ୍ରପତି  କାମନା କରିଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏହି ପର୍ବ ଏକତାର ପ୍ରତୀକ ଭାବେ ପାଳନ କରାଯାଇଥାଏ । ଅସତ୍ୟ ଉପରେ ସତ୍ୟର ଜୟ ଏବଂ ସମାଜରେ ଭଲପାଇବାର ବାର୍ତ୍ତାକୁ ଏହି ପର୍ବ ପ୍ରଚାର କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ହୋଲି ମନ୍ଦ ଉପରେ ଭଲର ବିଜୟ ଏବଂ ବସନ୍ତର ଆଗମନକୁ ସୂଚୀତ କରେ । ଏହା ନୂତନ ଆରମ୍ଭ ଏବଂ ନୂତନ ଦୃଷ୍ଟିକୋଣର ପ୍ରତୀକ ଅଟେ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ହୋଲି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଓ ଗଣମାଧ୍ୟମ

ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି – ଏହି ଉତ୍ସବ ସମସ୍ତଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ଭରିଦେବା ସହିତ ସମସ୍ତଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିଦେଉ । ଦେଶବାସୀଙ୍କ ମଧ୍ୟରେ ଏକତାର ରଙ୍ଗ ଆହୁରି ନିବିଡ଼ ହେଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି ।

# ୱେବ୍ସ ପ୍ଲାଟ୍‌ଫର୍ମ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଶ୍ୱ ଦୃଶ୍ୟଶ୍ରାବ୍ୟ ଓ ମନୋରଂଜନ ସମ୍ମିଳନୀ ୨୦୨୫ ପାଇଁ ଏକ ବିଲିୟନ୍ ଡଲାର୍ ପାଣ୍ଠି ଘୋଷଣା କରିଛନ୍ତି । ଆସନ୍ତା ମେ ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ନିର୍ମାତାମାନଙ୍କୁ ଉଚ୍ଚଗୁଣବତ୍ତା ସମ୍ପନ୍ନ ବିଷୟବସ୍ତୁ ସୃଷ୍ଟି କରିବା ଲାଗି ମଞ୍ଚ ପ୍ରଦାନ କରିବ ବୋଲି ସେ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ଅଧିବେଶନରେ ଯୋଗଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ମୁମ୍ବାଇର ଗୋରେଗାଓଁ ସ୍ଥିତ  ଫିଲ୍ମ ସିଟି ନିକଟରେ ପ୍ରଥମ ଭାରତୀୟ କ୍ରିଏଟିଭ୍ ଟେକ୍ନୋଲୋଜି ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ ।

ଏହି ଅବସରରେ ସେ କହିଛନ୍ତି, ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ସେଥିରେ ଭାରତ ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି ।

ସେ କହିଛନ୍ତି, ଦେଶରେ ୧୦୦ କୋଟିରୁ ଅଧିକ ଲୋକ ଅଛନ୍ତି ଯେଉଁମାନଙ୍କ ପାଖରେ ମୋବାଇଲ୍ ଫୋନ୍ ଉପଲବ୍ଧ ରହିଛି ଏବଂ ସେମାନେ ଡିଜିଟାଲାଇଜେସନ୍‌କୁ ଆପଣେଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ବିଶ୍ୱରେ ଅର୍ଥନୈତିକ ଏବଂ ରାଜନୈତିକ ପୁନଃ ସନ୍ତୁଳନ ଦେଖିବାକୁ ମିଳୁଛି ଏବଂ ଏହା ପ୍ରଯୁକ୍ତି ଓ ସାଂସ୍କୃତିକ ଦିଗକୁ ଅଗ୍ରସର ହେଉଛି । ଭାରତ କିଭଳି ପରମ୍ପରାକୁ ଜ୍ଞାନକୌଶଳ ସହିତ ମିଶ୍ରଣ କରି ବିଶ୍ୱସ୍ତରୀୟ କାହାଣୀକୁ ଆକାର ଦେଉଛି ସେ ସମ୍ପର୍କରେ ଡକ୍ଟର ଜୟଶଙ୍କର ଆଲୋଚନା କରିଛନ୍ତି । ଗତ ସନ୍ଧ୍ୟାରେ ନୂଆଦିଲ୍ଲୀରେ ଆୟୋଜିତ ବିଶ୍ୱ ଦୃଶ୍ୟସ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ ଉପରେ ଏକ ଅଧିବେଶନକୁ ସମ୍ବୋଧିତ କରି ସେ କହିଛନ୍ତି, ପ୍ରକୃତି ଜଗତୀକରଣ ଗୋଟିଏ କାହାଣୀ କିମ୍ବା ଗୋଟିଏ ବାସ୍ତବ ବିଷୟବସ୍ତୁ ଆଧାରିତ ନୁହଁ । ବରଂ ସାରା ବିଶ୍ୱର ଲୋକମାନଙ୍କର ବିବିଧତାର ପ୍ରତିଫଳନ । ସେ କହିଛନ୍ତି, କାହାଣୀ ଏବଂ ମନୋରଂଜନ ସବୁ ସମୟରେ ସମାଜର ଆତ୍ମଚିତ୍ରଣ କରିଥାଏ ଏବଂ ଏହା ଭବିଷ୍ୟତ ପିଢ଼ିକୁ  ପ୍ରଭାବିତ କରିଥାଏ ।

ଏହି ସମ୍ମିଳନୀରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି, ବିକାଶ ଆଡ଼କୁ ଅଗ୍ରସର ହେଉଥିବା ଗଣମାଧ୍ୟମ ଏବଂ

ମନୋରଂଜନ କ୍ଷେତ୍ରରେ ଏକ ସମନ୍ୱିତ ଆଭିମୁଖ୍ୟ ପାଇଁ ୱେବ୍ସ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମ ଯୋଗାଇ ଦେଇଛି ।

## ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ପକ୍ଷରୁ ମହାକାଶରେ ଦୁଇଟି ଉପଗ୍ରହକୁ ଅଲଗା କରିବା ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି । ସ୍ପାଡେକ୍ସ ଅଭିଯାନ ଅଧୀନରେ ଏହି ପରୀକ୍ଷଣ କରାଯାଇଥିଲା । ଫଳରେ ଭାରତୀୟ ମହାକାଶ ଅନୁସନ୍ଧାନ ଓ ଗବେଷଣା କ୍ଷେତ୍ରରେ ଇସ୍ରୋକୁ ସଫଳତା ମିଳିଛି ।  କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ସଫଳତା ପାଇଁ ଇସ୍ରୋକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଏହି ସଫଳତା ପରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର, ଚନ୍ଦ୍ରାଯାନ-୪ ଏବଂ ଗଗନଯାନ ଅଭିଯାନକୁ ଇସ୍ରୋ ଦକ୍ଷତାର ସହ ପରିଚାଳନା କରିପାରିବ । ଆଗାମୀ ଦିନରେ ମହାକାଶର ଗୁଢ଼ ରହସ୍ୟ ଅନୁସନ୍ଧାନ କରିବା କ୍ଷେତ୍ରରେ ମଧ୍ୟ ଏହି ସଫଳତା ସହାୟକ ହେବ ବୋଲି କୁହାଯାଇଛି ।

ସୂଚନା ଯୋଗ୍ୟ ଗତ ଜାନୁଆରୀ ୧୬ ତାରିଖରେ ମହାକାଶରେ **ଏସ୍.ଡି.ଏକ୍ସ. ୱାନ୍ ଏବଂ ଏସ୍.ଡି.ଏକ୍ସ. ଟୁ** ନାମକ ଦୁଇଟି ଉପଗ୍ରହକୁ ସେମାନଙ୍କ ଗତିକୁ ହ୍ରାସ କରାଯାଇ ମହାକାଶର ନିମ୍ନ କକ୍ଷରେ ଯୋଡ଼ା ଯାଇଥିଲା ।

ଆମେରିକା, ରୁଷ ଏବଂ ଚୀନ୍ ପରେ ବିଶ୍ୱର ଚତୁର୍ଥ ଦେଶ ଭାବେ ଭାରତକୁ ଏହି ସଫଳତା ମିଳିଛି । ଏହାଦ୍ୱାରା ମହାକାଶରେ ଦୁଇଟି ମହାକାଶ ଯାନ ମଧ୍ୟରେ ଶକ୍ତି ସ୍ଥାନାନ୍ତରଣ ହୋଇପାରିବ ।

# ଅମିତ ଶାହା-ଆସାମ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ସନ୍ଧ୍ୟାରେ ଆସାମ ଗସ୍ତ କରିବେ । ସେଠାରେ ସେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି । ଜୋରହାଟ ବିମାନ ବନ୍ଦରରେ ପହଞ୍ଚିବା ପରେ ଶ୍ରୀ ଶାହା ଗୁଲାଘାଟ ଅଭିମୁଖେ ଯାତ୍ରା କରିବେ ଏବଂ ଦେର୍‌ଗାଓଁର ଲଚିତ ବାରଫୁକାନ ପୁଲିସ୍ ଏକାଡେମୀରେ ରାତ୍ରୀ ଯାପନ କରିବେ ।

ଆସନ୍ତାକାଲି ସକାଳେ ଶ୍ରୀ ଶାହା ମିଜୋରାମ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଅତ୍ୟାଧୁନିକ ପୁଲିସ୍ ଏକାଡେମୀର ଉଦ୍‌ଘାଟନ କରିବେ । ଅପରାହ୍ଣରେ ସେ ଆଇଜୋଲ୍‌ରେ ଆସାମ ରାଇଫଲ ପ୍ରତିଷ୍ଠାନ ଗୁଡ଼ିକୁ ଜୋଖାଓ୍ୱାସଙ୍ଗକୁ ସ୍ଥାନାନ୍ତର ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ ସେ ଗୌହାଟୀରେ ରାତ୍ରୀ ଯାପନ କରିବେ ।

ରବିବାର ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କୋକ୍ରାଝର ଜିଲ୍ଲାର ଡୋଟମା ଠାରେ ବୋଡୋ ଛାତ୍ର ସଂସଦର ୫୭ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ

କରିବେ । ସେହିଦିନ ନୂଆଦିଲ୍ଲୀ ଫେରିବା ପୂର୍ବରୁ ଶ୍ରୀ ଶାହା ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସମୀକ୍ଷା କରିବେ ।

## ନକ୍ସଲ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଗତକାଲି ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ ବିଜାପୁରରେ ସମ୍ପୃକ୍ତ ମାଓବାଦୀମାନେ ସି.ଆର୍.ପି.ଏଫ୍. ଅଧିକାରୀଙ୍କ ଠାରେ ଆତ୍ମସମର୍ପଣ କରିଥିଲେ । ବିଜାପୁରର ବରିଷ୍ଠ ଆରକ୍ଷି ଅଧିକ୍ଷକ ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି, ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ବରିଷ୍ଠ କ୍ୟାଡରଙ୍କ ଦ୍ୱାରା ଶୋଷଣର ଶିକାର ହୋଇଥିବା ଦର୍ଶାଇଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ନିଷିଦ୍ଧ ମାଓ ସଂଗଠନ ଗଙ୍ଗଲୁର ଏରିଆ କମିଟିରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଥିଲେ । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୬ ଜଣଙ୍କ ଉପରେ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

# ସିବିଏସ୍‌ଇ ଏକ୍ସାମ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି, ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୧୫ରେ ଦେଶର ସବୁଆଡ଼େ ହୋଲିପର୍ବ ପାଳନ ହେଉଥିବା ସତ୍ତ୍ୱେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ । ବୋର୍ଡ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆସନ୍ତାକାଲି ହିନ୍ଦୀ କୋର୍ ଏବଂ ଇଲେକ୍‌ଟିଭ୍ ବିଷୟ ପରୀକ୍ଷା କରାଯିବ । ଯଦି କୌଣସି ଛାତ୍ରଛାତ୍ରୀ ଆସନ୍ତାକାଲି ପରୀକ୍ଷା ଦେଇ ନ ପାରିବେ ତେବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର ପରୀକ୍ଷା ଦେଇପାରିବେ ।

# ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଗତକାଲି ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏଲିମିନେଟର୍ ପର୍ଯ୍ୟାୟରେ ମୁମ୍ବାଇ ଇଣ୍ଡିଆନ୍ସ ୪୭ ରନ୍‌ରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରିଛି । ଆସନ୍ତାକାଲି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।